ଜଟାୟୁ

କଥା ସାହିତ୍ୟ

# ପରିବେଶ ନାଟକୀୟ

କବି ରଘୁନାଥ ଦାସ

ପରିବେଶର  ଏପରି ନାଟକୀୟ ପରିବର୍ତ୍ତନ ଲାଗି ଆମେ କେହି ପ୍ରସ୍ତୁତ ନଥିଲୁଁ।

ସେଦିନ ଆମ ଡବାରେ ଯେଉଁ ଅସଂଶ୍ଲିଷ୍ଟ ଧାରାବାହିକ ସାଂସ୍କୃତିକ ସମାରୋହ ଚାଲିଥାଏ,ତାହା ଥିଲା ଏକ ସ୍ବାଭାବିକ ଓ ଜୀବନ୍ତ ପ୍ରକ୍ରିୟା। ନିର୍ଦ୍ଦିଷ୍ଟ ଆଲୋଚ୍ୟ ବିଷୟ ବୋଲି କିଛି ନ ଥାଏ। କେତେବେଳେ ସଂବାଦପତ୍ରରେ ପ୍ରକାଶିତ ଟ୍ରେନ ଡକାୟତି ଓ ପୁଣି କେତେବେଳେ ହୁଏନ୍‌ସାଂଙ୍କ ବିବରଣୀର ଐତିହାସିକ ମୂଲ୍ୟ, କେବେ ପୁଣି କୌଣସି ଭୌତିକ କାଣ୍ଡ ବିଷୟରେ ବାଦାନୁବାଦ ଓ ପୁଣି କେବେ ଆନ୍ତର୍ଜାତୀୟ  ଅର୍ଥନୀତିର ତର୍ଜମା-ଏହିପରି ନାନାଦି ଅସଂଲଗ୍ନ ବିଷୟରେ ଆଳାପ ଆଲୋଚନା କରିବାର ସ୍ବାଧୀନତାକୁ ସ୍ବୀକୃତି ଦେଇ, ବିନା କାହାରି ସଭାପତିତ୍ବରେ ଘଣ୍ଟା ଘଣ୍ଟା ଧରି ସୁରୁଖୁରୁରେ ଚାଲିଥାଏ ଆମର ସେହି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାଚକ୍ର। ଏହି ସମାରୋହ ବୋଧହୁଏ ପ୍ରାଥମିକ ଷ୍ଟେସନ୍‌ରୁ ହିଁ ସୁରୁ ହୋଇଯାଇଥିଲା। ପରବର୍ତ୍ତୀ ଷ୍ଟେସନ୍‌ମାନଙ୍କରୁ ଏହାର ସଭ୍ୟମାନେ ସଂଗୃହୀତ ହେଉଥାନ୍ତି। ସମାରୋହରେ ପୂର୍ଣ୍ଣ ଅଂଶୀଦାର ରୂପେ ବାଦାନୁବାଦରେ ଭାଗ ନେଉଥାନ୍ତି ବା ନୂତନ ପ୍ରସଙ୍ଗ ଉତ୍‌ଥାପନ କରୁଥାନ୍ତି ଓ ଗନ୍ତବ୍ୟ ଷ୍ଟେସନ୍ ଆସିଗଲେ ଓହରି ଯାଆନ୍ତି, ଆଲୋଚନାକୁ ଅସମାପ୍ତ ରଖିବି। ଅନ୍ୟ ସେହି ବିଷୟବସ୍ତୁ ଉପରେ ବା ଅନ୍ୟ କୌଣସି ବିଷୟବସ୍ତୁ ନେଇ ଆଲୋଚନା ଚାଲୁ ରଖନ୍ତି। ନୂଆ ସଭ୍ୟ ଆସି ଜୁଟି ଯାଆନ୍ତି ଓ କଥାବସ୍ତୁର ଖିଅ ଧରି ପୁଣି ଚାଲେ ଗରମାଗରମ କଥା କଟାକଟି ।

ଏ ପ୍ରକାର ସାସ୍କୃତିକ ସମାରୋହ ସେଦିନକାର ଆକସ୍ମିକ ଯୋଗାଯୋଗ ଯୋଗୁଁ ଘଟିନଥିଲା। ଧୀର ମନ୍ଥର ଗତିରେ ଚାଲୁଥିବା ପାସେଞ୍ଜର ଗାଡ଼ିରେ ଯେବେ ଏକାଡବାର ସହଯାତ୍ରୀ ରୂପେ ଯୁବା ବୟସର ଛାତ୍ର, ବେକାର ବା ଅଳ୍ପଦିନ ହେଲା ଚାକିରି ପାଇଥିବା ଶିକ୍ଷିତ କେତେଜଣ ଜୁଟିଯାଆନ୍ତି ସେମାନେ ନୀରବରେ ବସି ରହିବା ବା ଘର ସଂସାର ଚିନ୍ତାରେ ଘାରି ହେବା ଅପେକ୍ଷା ସାଂସ୍କୃତିକ ବ୍ୟାପାରରେ କସରତ କରିବାକୁ ଅଧିକ ପସନ୍ଦ କରନ୍ତି। ସେଦିନ ମଧ୍ୟ ସେହିପରି ଏକ ସୁଯୋଗ ଜୁଟିଥିଲା  ଏହି ସହଯାତ୍ରୀଙ୍କ ମେଳରେ କିନ୍ତୁ ଆଉ ଜଣେ ରହି ଯାଇଥିଲେ ଯାହାଙ୍କର ସାଂସ୍କୃତିକ ସ୍ତର ସମାନ ହେଲେ ବି ବୟସ ପରିଣତ। ସେ ତେଣୁ ଆଲୋଚନାରେ ଭାଗ ନ ନେଇ ଖଣ୍ଡେ ପତ୍ରିକା ପଢ଼ିବାରେ ମନୋନିବେଶ କରିଥାନ୍ତି, ପତ୍ରିକା ଆଢୁଆଳରେ ତାଙ୍କ ମୁହଁ ବି ଅଧାଲୁଚା ଅବସ୍ଥାରେ ଥାଏ।

କୌଣସି ଏକ ଷ୍ଟେସନରେ ଗାଡ଼ି ଅଟକିବାର ଅବ୍ୟବହିତ ପରେ ଚଢ଼ାଗଳାରେ ଆମରି ଡବାରେ ଚଢ଼ିବା ଲାଗି ଅନ୍ୟ କାହାରିକୁ କେହି ନିର୍ଦ୍ଦେଶ ଦେବାର ଶୁଣାଗଲା । ଗଳାଟା ଏପରି ଉତ୍ତେଜିତ ଓ ଆଗନ୍ତୁକର ପ୍ରବେଶ ଠାଣି ଏପରି ଉଦ୍ଧତ ପ୍ରକୃତିର ଥିଲା ଯେ ଆମର ଚାଲିଥିବା ଶାନ୍ତିପୂର୍ଣ୍ଣ ଆଲୋଚନାରେ ତାହା କିଛିଟା ବାଧା ସୃଷ୍ଟି କଲା ପରି ମନେହେଲା। ଡବା ଚଟାଣରେ ମୋଟା ହିଲ୍‌ବାଲା କାବୁଲି ଚପଲର ଧପଧପିରେ ଅଜାଣତରେ ଆମର ଦୃଷ୍ଟି ଆଗନ୍ତୁକ ପ୍ରତି ଆକୃଷ୍ଟ ହୋଇଥିଲା । ସେତେବେଳକୁ ଆଗନ୍ତୁକ କିନ୍ତୁ ଆମକୁ ପଛ କରି ଡବା ଦୁଆର ଆଡ଼କୁ ମୁହଁ କରିଥିବାରୁ ତାଙ୍କର ଧୋବ ଫରଫର ବାନ୍ଧକରା ଧୋତି ଓ ଟାଣ ଇସ୍ତ୍ରୀ କରା ମଠା ପଞ୍ଜାବୀ ବ୍ୟତୀତ ଆମକୁ ଆଉ କିଛି ଦିଶୁ ନଥିଲା। ଆଗନ୍ତୁକ ଜଣେ

www.jatayu.org

# ପରିବେଶ ନାଟକୀୟ

*କବି ରଘୁନାଥ ଦାସ*

www.jatayu.org

ଯୁବକ, ତାଙ୍କ ଡାହାଣ ହାତରେ ଝୁଲୁଥିଲା ଚମଡ଼ାର ଅଭିଜାତ ହ୍ୟାଣ୍ଡବ୍ୟାଗ୍ ଏବଂ ଘଡ଼ିବନ୍ଧା ବାଁ ହାତରେ ସେ ଧରିଥିଲେ ଖଣ୍ଡେ ଦାମିକିଆ ସୁଟ୍‌କେଶ, ତାଙ୍କ ନିର୍ଦ୍ଦେଶରେ ଡବା ଭିତରକୁ ପଶି ଆସିଲେ ଜଣେ ରୂପବତୀ ତରୁଣୀ। ତାଙ୍କର ଚାହାଣୀ, ବେଶଭୂଷା ଓ ଚାଲିବାର ଠାଣିରୁ ସେ ଯେ ଆଗନ୍ତୁକଙ୍କର ପତ୍ନୀ ନୁହନ୍ତି ସେ କଥା ସ୍ୱଷ୍ଟ ଭାବେ ବାରି ହେଉଥିଲା।

ଆଗନ୍ତୁକ ମୁହଁ ବୁଲାଇବାରୁ ଆମେ ପ୍ରାୟ ସମସ୍ତେ ତାଙ୍କୁ ଆଗରୁ ଜାଣିଥିବାର ଜଣାଗଲା। କେହି ଜଣେ ପାଟି କରି କହି ପକାଇଲେ, ହେଇ ଆସିଗଲେ ସର୍ବହରା କବି।

ଆଗନ୍ତୁକ ଆମ ସମ୍ମିଳନୀର ସଭ୍ୟମାନଙ୍କ ଉପରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଆଖି ପକେଇ ଦେଇ ଈଷତ୍ ଦୂରତ୍ୱ ରକ୍ଷା କରି ବସିପଡ଼ିଲେ ଓ ତରୁଣୀଙ୍କୁ ତାଙ୍କ ପାଖରେ ବସିବାକୁ ନିର୍ଦ୍ଦେଶ ଦେଲେ।

ଆଲୋଚନାକୁ ସେଇଠି ରଖି ଆଗନ୍ତୁକଙ୍କୁ ସମ୍ମାନ ଦେଖାଇବା ଲାଗି ଆମ ଭିତରୁ କେହି ଜଣେ ବୈପ୍ଳବିକ ଚିନ୍ତାଧାରାରୁ ପଦେ ଅଧେ ଶୁଣାଇବା ଲାଗି ଆଗନ୍ତୁକ ସୂର୍ଯ୍ୟସିଂହଙ୍କୁ ଆହ୍ୱାନ କଲେ । ଆଗନ୍ତୁକଙ୍କ ଆଖି ଓ ମୁହଁରେ ନିମନ୍ତ୍ରଣ ରକ୍ଷା କରିବାର ସ୍ମିତ ପରିବର୍ତ୍ତେ ତାସଲ୍ୟ ଭାବର ଉଦ୍ଧତ ଅସ୍ୱାଭାବିକ ଗାମ୍ଭୀର୍ଯ୍ୟ ପ୍ରକାଶ ପାଉଥିଲା।

ସାଂସ୍କୃତିକ ସମ୍ମିଳନୀର ସବୁ ଆଲୋଚନା ବନ୍ଦ ରଖି ଆମେ କେଉଁ ମହାତ୍ମାଙ୍କ ଆଗମନରେ ଅସ୍ୱାଭାବିକ ଭାବେ ଏପରି ଉତ୍କଣ୍ଠ ହୋଇଉଠୁଛୁ ଦେଖିବା ଲାଗି ଏ ପର୍ଯ୍ୟନ୍ତ ନୀରବ ହୋଇ ବସିଥିବା ପ୍ରୌଢ଼ ଭଦ୍ରଲୋକ ଜଣକ ପଢ଼ା ବନ୍ଦ ରଖି ମୁଣ୍ଡ ଟେକି ଅନେଇଲେ ଏବଂ ଆଗନ୍ତୁକଙ୍କ ଉପରେ ଆଖି ପକେଇ ଦେଇ କହି ପକେଇଲେ-"କିରେ ସୁରିଆ, ତୁ ଏଠି।"

ଭଦ୍ରଲୋକଙ୍କ କହିବା ଭଙ୍ଗୀ ଓ ମୁହଁର ହାବଭାବରୁ ଯେକୌଣସି ଲୋକ ଅନୁମାନ କରି ପାରିବ ଯେ ଆମେ ଆଗନ୍ତୁକଙ୍କ ବ୍ୟକ୍ତିତ୍ୱ ଉପରେ ଯେଉଁ ଗୁରୁତ୍ୱ ଆରୋପ କରୁଛୁ, ସେ ତାହା କରୁନାହାନ୍ତି, ତାଙ୍କ ଦୃଷ୍ଟିରେ ସେ ପୁରୁଣା ପରିଚିତ ସାଧାରଣ ଲୋକ।

ଭଦ୍ରଲୋକଙ୍କ କଥାରେ ଆଗନ୍ତୁକ ଯେ ବିଚଳିତ ଓ ବିରକ୍ତ ଏହା ଆଗନ୍ତୁକଙ୍କ ଆଖିରୁ ପରିଷ୍କାର ଜଣାପଡ଼ି ଯାଉଥିଲା। ତଥାପି ନିଜକୁ ସମ୍ବରଣ କରି ସୂର୍ଯ୍ୟ ସିଂହ ଭଦ୍ରଲୋକଙ୍କୁ ନିଜର ଗୁରୁତ୍ୱ ଉପଲବ୍ଧ କରାଇବା କଣ୍ଠରେ କହିଲେ ;

"ଆଇ.ଜି.ଙ୍କ ସହିତ ଗତ ସପ୍ତାହରେ ଦେଖା ହୋଇଥିଲା ,ତୁମ ପ୍ରମୋଶନ ଲାଗି କହିବାକୁ ମନେ କରିଥିଲି,ସୁବିଧା ହେଲା ନାହିଁ।"

ସୂର୍ଯ୍ୟ ସିଂହଙ୍କ କଥାରେ ଭଦ୍ରଲୋକ ସନ୍ତୁଷ୍ଟ ହେବା ପରିବର୍ତ୍ତେ ଉତ୍‌କ୍ଷିପ୍ତ ହୋଇଉଠିଲେ।

Powered by Tekons

# ପରିବେଶ ନାଟକୀୟ

କବି ରଘୁନାଥ ଦାସ

"କିରେ ସୁରିଆ, ତୋ ସୁପାରିଶରେ ମୋର ପ୍ରମୋଶନ ହେବ। ଭାରି ତ ଆସ୍ପର୍ଦ୍ଧା ହେଲାଣି ତୋର। ହଉ, ହଉ, ତୋ ସୁପାରିଶର ଦରକାର ପଡ଼ିବ ନାହିଁରେ, ମୁଁ ବର୍ଷେ ହେଲା ରିଟାଏର୍ କଲିଣି।"

ଆହତ ଆତ୍ମସମ୍ମାନରେ ଜର୍ଜରିତ ହୋଇ ଉଭୟ କିଛି କ୍ଷଣ ନୀରବ ରହିଥିଲେ ହେଁ ଉଭୟେ ଯେ ଆହତ ଆତ୍ମସମ୍ମାନରେ ଜର୍ଜରିତ, ଏହା ଆମେମାନେ ଅନୁଭବ କରିପାରିଥିଲୁ।

ଭଦ୍ରଲୋକ ବିଦ୍ରୁପ କଲାଭଳି ସୂର୍ଯ୍ୟ ସିଂହଙ୍କୁ ପଚାରିଲେ, "କରେ ସୁରିଆ ଏଇଟି ପୁଣି କିଏ।"

ଉତ୍ତର ମିଳିଲା, "ଚପଲ ଖାଇବାକୁ ମନ ହଉଚି କି?"କଥା ସହିତ ସୂର୍ଯ୍ୟ ସିଂହ ଗୋଟିଏ ଚପଲ ଗୋଡ଼ରୁ ବାହାର କରି ପକେଇଲେ। ଚାହୁଁ ଚାହୁଁ ଭଦ୍ରଲୋକ ଲମ୍ଫଦେଇ ସୂର୍ଯ୍ୟସିଂହର ପଞ୍ଜାବୀକୁ ଗୋଟାଏ ହାତରେ ବେକଠୁ ଚିପି ଧରି ଅନ୍ୟ ହାତରେ ଚପଲ ଉଠାଇ ଚିତ୍କାର କରି ଉଠିଲେ,"ଚପଲରେ କିମିତି ଗାଲ ଉଡ଼ିଯାଏ, ଆଜି ଜାଣିବୁରେ ଶ..."

ଆମେ ସବୁ ଛଡ଼ିଆ ଛଡ଼ି କରି ନଥିଲେ ଅବସ୍ଥା ନିତାନ୍ତ ଅଶୋଭନୀୟ ହୋଇଥାନ୍ତା।

ଏ ଖଣ୍ଡ ଲଢ଼େଇରେ ଆମର ସମାବେଶର ବାତାବରଣ ବିଲକୁଲ ଗୋଳମାଳିଆ ଧରିଗଲା।ସମସ୍ତେ ଚୁପ୍‌ଚାପ୍। ପରବର୍ତ୍ତୀ ଷ୍ଟେସନ୍ ପର୍ଯ୍ୟନ୍ତ ଉଭୟେ ଯେଝା ସ୍ଥାନରେ ନୀରବରେ ବସି ରହିଲେ ହେଁ ସେମାନେ ଯେ ପରସ୍ପର ପ୍ରତି ବିଦ୍ବେଷରେ ଜଳି ଯାଉଛନ୍ତି ଓ ମଉକା ପାଇଲେ ହାତାହାତି ହୋଇଯିବେ ଏ କଥା ଆମେ ଅନୁଭବ କରି ପାରୁଥିଲୁଁ। ପରବର୍ତ୍ତୀ ଷ୍ଟେସନ୍‌ରେ ସୂର୍ଯ୍ୟ ସିଂହ ଆସନ ଛାଡ଼ି ଅନ୍ୟ ଏକ ଡବାକୁ ଚାଲିଲେ, ତରୁଣୀ ତାଙ୍କର ଅନୁସରଣ କଲେ ।

ଭଦ୍ରଲୋକ ଜଣକ ଯେ ଏ ପର୍ଯ୍ୟନ୍ତ ଆମ ସମାବେଶଠାରୁ ନିଜକୁ ଅସଂଲଗ୍ନ ରଖି ଆସିଥିଲେ, ଏବେ ସେ ଆମ ସହିତ ଆଲୋଚନା କରିବାକୁ ବ୍ୟାକୁଳ ହୋଇ ଉଠିଲେ। ଆମ ଭିତରୁ କେହି ଜଣେ ଯାହା ସବୁ ଘଟିଗଲା ତାହା ଦୁର୍ଭାଗ୍ୟଜନକ ବୋଲି ମନ୍ତବ୍ୟ କଲେ। ଆଉ ଜଣେ ସୂର୍ଯ୍ୟ ସିଂହଙ୍କୁ ଜଣେ ବିପ୍ଳବୀ ବୋଲି ଯେତେବେଳେ ମତବ୍ୟକ୍ତ କଲେ, ଭଦ୍ରଲୋକଙ୍କ ମୁହଁରେ ଫୁଟି ଉଠିଲା ବିଦ୍ରୁପାତ୍ମକ ହସ। "ଏକାଧାରରେ ଜଣେ ଗୁଇନ୍ଦା ଓ ବିପ୍ଳବୀ" ଠୋଷ ଦେଇ ଭଦ୍ରଲୋକ କହି ପକାଇଲେ।ଯାହା ଘଟି ଯାଇଥିଲା, ତହିଁରେ ଭଦ୍ରଲୋକ ଅସୂୟା ପ୍ରଣୋଦିତ ହୋଇ ଏ ପ୍ରକାର ଚରିତ୍ର ସଂହାର କରୁଛନ୍ତି ବୋଲି ଆମ ଭିତରୁ କେହି କେହି ସନ୍ଦେହ ପ୍ରକାଶ କରି ଭଦ୍ର ଅଥଚ ଦୃଢ଼ ଭାବରେ ପ୍ରତିବାଦ କଲେ।ପ୍ରତିବାଦ ଯେ ତାଙ୍କର ଆତ୍ମସମ୍ମାନ ଉପରେ ନିଶ୍ଚିତ ଭାବେ ଆଞ୍ଚ ଆଣିଛି ବୋଲି ଭଦ୍ରଲୋକ ଟିକିଏ ଉତ୍ତେଜିତ ହୋଇ ଚାଲିଲେ।

" ଏ ଲୋକଟି ଆପଣଙ୍କ ଦୃଷ୍ଟିରେ ବିପ୍ଳବୀ ସୂର୍ଯ୍ୟ ସିଂହ । ମୁଁ କିନ୍ତୁ ଗତ ପଚିଶି ବର୍ଷ ହେଲା ତାକୁ ଭଲ ଭାବରେ ଜାଣେ- ଏ ସେଇ ସୁରିଆ ସୋଇଁ ଯିଏ ମୋ ପାଖରେ ନିତି ନିତି ପାର୍ଟି ଅଫିସ ର ଖବର ଯୋଗାଉଥିଲା ଓ ସେଥିଲାଗି ଆଠଣା ବା

# ପରିବେଶ ନାଟକୀୟ

କବି ରଘୁନାଥ ଦାସ

ଟଙ୍କାଏ ପାଇଲେ କୁତା ଭଳି କୃତଜ୍ଞତା ପ୍ରକାଶ କରୁଥିଲା। ଆଶ୍ରୟହୀନର ଛଳନା କରି ଟାଉନ୍‌ହଲ୍ ବାରଣ୍ଡାରେ ଶୋଇ ରହି ସେ ମୋତେ ଆଣି ଦେଉଥିଲା କେବେ ବିପ୍ଳବୀମାନଙ୍କର କେବେ କୁଖ୍ୟାତ ଅପରାଧୀମାନଙ୍କର ଗୁପ୍ତ ମନ୍ତ୍ରଣାର ଖବର ଓ ସେଥିଲାଗି ଆଉ ଅଧିକ ଆଠଣା ଟଙ୍କାଏ ପାଇଁ ଅଳି କରୁଥିଲା। ଦେଖନ୍ତୁ ତ ସେଇ ଲୋକ ଆଜି ମୋ ସହିତ କିପରି କଥାବାର୍ତ୍ତା କରୁଛି। ତାର ସୁପାରିଶରେ ମୋର ପ୍ରମୋଶନ ହେବା କଥା ସେ ତୁଣ୍ଡରେ ଧରି ପାରିଲା।

ଏକଦା ଗୋଇନ୍ଦା ବିଭାଗର ଅଫିସର ନିଜର ଆତ୍ମସମ୍ମାନ ଉପରେ ଯେଉଁ ଗୁରୁତର ଆଘାତ ଆସିଲା ତହିଁରେ ନିଶ୍ଚିତ ଭାବେ ବିଚଳିତ ହୋଇପଡ଼ିଥିଲେ। ଆପଣାର କ୍ଷୋଭକୁ ଶାନ୍ତ କରିବା ଲାଗି ସେ ଆମ ଆଗରେ ସୂର୍ଯ୍ୟ ସିଂହଙ୍କ ଜୀବନ ବୃତ୍ତାନ୍ତ ବଖାଣି ବସିଲେ।

ସୁରିଆର ବାପ ରଘୁ ସୋଇଁ ଥିଲା ସେ ଅଞ୍ଚଳର ଏକ ନାମଜାଦୀ ଟାଉଟର, ସୁରିଆ ପିଲା ହୋଇଥାଏ ,ତା ମା ମରିଯିବାରୁ ପଚାଶ ବର୍ଷ ବୟସରେ ରଘୁ ସୋଇଁ ଶ୍ବଶୁରକୁ କି ଟଙ୍କା ହାତଗୁଞ୍ଜା ଦେଇ ଅଳ୍ପ ବୟସର ଯୁବତୀଟିଏକୁ ପୁଣି ବିଭା ହେଲେ। ବିଭା ହେବାର ବର୍ଷେ ଦିବର୍ଷ ମଧ୍ୟରେ ରଘୁ ସୋଇଁ ମାରା ପଡ଼ିଲା। ସେତେବେଳେ ନୂଆକରି ଗାଁ ଗହଳିରେ ଭାଗଚାଷୀ ଆନ୍ଦୋଳନ ଗଢ଼ି ଉଠିଥାଏ। ରାଜନୈତିକ ନେତାଏ ଯାଇ ଗାଁରେ ସଭା କରନ୍ତି। ସାବତ ମା'ର ଦୌରାତ୍ମ୍ୟରୁ ମୁକୁଳିବା ଲାଗି ସୁରିଆ ରାଜନୈତିକ କର୍ମୀଙ୍କ ସହିତ ବସାଉଠା କରି ଗାଁରୁ ଆସି କଟକରେ ପାର୍ଟିର ମୁଖ୍ୟ ଅଫିସରେ ଜୁଟେ। ସେଠି ଟହଲ ଟୁକୁରା କାମ କରି ଗଣ୍ଡେ ଖାଇବାର ଉଠେଇ ନେଉଥିଲା। ପାର୍ଟିର ଆଦର୍ଶ ସହିତ ଅସଂଶ୍ଳିଷ୍ଟ ଏହି ଭାଡୁଆକୁ ସେ ତାଙ୍କର ବିଶ୍ବସ୍ତକାର ଭାବରେ ନିଯୁକ୍ତ କରି ତାହାରି ଜରିଆରେ ପାର୍ଟିର ସବୁ ଗୁପ୍ତ ବିଚାର ମନ୍ତ୍ରଣା ହସ୍ତଗତ କରୁଥିଲେ। ଇଂରେଜୀରେ ଲେଖାଥିବା ରିପୋର୍ଟ ସର୍କୁଲାର ଆଦି ଲୁଚାଇ ଆଣି ସେ ଦେଇଯାଏ ଓ ତହିଁର ଆବଶ୍ୟକୀୟ ଟିପ୍ପଣୀ ରଖି ତାକୁ ଫେରାଇ ଦିଅନ୍ତି। ଏହିପରି ମାସିକ ଦଶବାର ଟଙ୍କା ଲାଗି ସେ ତା'ର ଆଶ୍ରୟଦାତାଙ୍କ ବିରୋଧରେ ବରାବର ନିମକହାରାମି କରି ଆସୁଥିଲା।"

ବିପ୍ଳବୀ ସୂର୍ଯ୍ୟ ସିଂହଙ୍କର ଏ ପ୍ରକାର ବୁନିଆଦି ବିଷୟରେ ଆମେ କେହି ପୂର୍ବରୁ ଅବହିତ ନ ଥିଲୁ। ଭଦ୍ରଲୋକ ଯଦିବା କ୍ରୋଧବଶତଃ ଏ ସବୁ ବିଷୋଦ୍‌ଗାର କରି ଥାଇ ପାରୁଥାନ୍ତି,ତାଙ୍କର ଅଭିଜ୍ଞତା ଉପରେ ପର୍ଯ୍ୟବେସିତ ଘଟଣା ମିଥ୍ୟା ବୋଲି ମନେ କରିବାର କୌଣସି କାରଣ ନ ଥିଲା । ନିଜର ଜୀବନ ଚରିତ ବିଷୟରେ ସୂର୍ଯ୍ୟ ସିଂହ ପତ୍ରପତ୍ରିକାରେ ଯେଉଁ ଚିତ୍ର ଆମ ଆଗରେ ଉପସ୍ଥାପିତ କରି ଆସୁଥିଲେ ଆମେ ତାକୁ ହିଁ ସତ୍ୟ ବୋଲି ମାନି ନେଇଥିଲୁ । ଭଦ୍ରଲୋକଙ୍କ ଦେବା ଚିତ୍ର ଅତି ବିଚିତ୍ର ମନେ ହେଲା ଓ ଆମେ ଏ ରହସ୍ୟ ବିଷୟରେ ଅଧିକରୁ ଅଧିକ ଆଗ୍ରହୀ ହୋଇ ଉଠିଲୁଁ।

ଆମ ଭିତରୁ ଜଣେ ପ୍ରତିବାଦ କରି କହିଲେ ଏ ଯେତେ ଯାହା କହନ୍ତୁ, ସରସ୍ବତୀ ପୂଜା ଦିନ ଜନ୍ମ ତାଙ୍କର, ସେ ସରସ୍ବତୀଙ୍କର ଗୋଟିଏ ବରପୁତ୍ର । ଚାଟଶାଳୀ ମାଡ଼ିନଥିବା ବ୍ୟକ୍ତି ନିଜର ପ୍ରତିଭା ବଳରେ ସିନା ସାହିତ୍ୟ ମହାରଥୀଙ୍କୁ ବି

www.jatayu.org

# ପରିବେଶ ନାଟକୀୟ

କବି ରଘୁନାଥ ଦାସ

ହଟାଇ ଦେଉଚି!!

ପ୍ରତିବାଦଟା ଶୁଣି ଭଦ୍ରଲୋକ କିଛି ସମୟ ନୀରବ ରହିଲେ; ମନେ ହେଲା ସେ ଏହାର ଉଚିତ ଉତ୍ତରଟା କିପରି ଦେବେ ମନେ ମନେ ରୋମନ୍ଥନ କରୁଛନ୍ତି। ସାମାନ୍ୟ ଆକ୍ରମଣାତ୍ମକ ଭଙ୍ଗୀରେ ଭଦ୍ରଲୋକ କହି ଉଠିଲେ- ଆପଣମାନେ ସମସ୍ତେ ଉଚ୍ଚ ଶିକ୍ଷିତ।ଅଥଚ ଆପଣମାନଙ୍କର ଚିନ୍ତାଧାରାକୁ ବିନା ବିବେଚନାରେ ପ୍ରଭାବିତ ହେବାକୁ ଛାଡ଼ି ଦେଉଛନ୍ତି; ଅଦ୍ଭୁତ ତଥ୍ୟ ଉପରେ ଆପଣମାନେ କିପରି ଯେ ଆସ୍ଥାବାନ ହେଉଛନ୍ତି ଭାବି ଆଶ୍ଚର୍ଯ୍ୟ ହେଉଛି। ସରସ୍ୱତୀ ପୂଜାଦିନ ପୃଥିବୀରେ ଅନ୍ତତଃ ଦଶ ହଜାର ଜନ୍ମ ନେଇଥିବେ-ତେଣୁ ସେମାନେ ସମସ୍ତେ ପ୍ରତିଭାବାନ୍!!

"ଆପଣଙ୍କର ସୂର୍ଯ୍ୟ ସିଂହ ସରସ୍ୱତୀ ପୂଜା ଦିନ ଜନ୍ମ, ତା'ର ପ୍ରମାଣ ? ତା'ର ନିଜ ବୟାନ ଛଡ଼ା ଏହାର ସତ୍ୟାସତ୍ୟ ନେଇ କେହି କେବେ ଅନୁସନ୍ଧାନ କରିଛି କି?ନିଜକୁ ପ୍ରତିଭାବାନ ବୋଲି ପ୍ରତିଷ୍ଠିତ କରିବା ଲାଗି ଏହା ଏକ ଧୂର୍ତ୍ତ କୌଶଳ ହୋଇପାରିଥାଏ। ଏ ବିଷୟରେ କେବେ ଚିନ୍ତା କରିଛନ୍ତି କି?"

ଭଦ୍ର ଲୋକଙ୍କ କଥାର ଗୁରୁତ୍ୱ ଉପଲବ୍ଧି କରି ଆମେ ପ୍ରତ୍ୟେକେ ମନେମନେ ଲଜ୍ଜିତ ହେଲୁ ।ସୂର୍ଯ୍ୟ ସିଂହଙ୍କ ପାଣ୍ଡିତ୍ୟ ଓ ପ୍ରତିଭା ପ୍ରତିପାଦିତ କରୁଥିବା 'ମୁର୍ଖପତ୍ରିକା'ଗ୍ରନ୍ଥ ବିଷୟ ଉତ୍ଥାପନ କରି ଭଦ୍ରଲୋକ ପୁନରାୟ ପ୍ରଶ୍ନ କଲେ ।

www.jataayu.org